## ସଂକ୍ଷେପରେ

### ୮ ଗାଡ଼ିରୁ ୨.୩୩ ଲକ୍ଷ ଟଙ୍କା ଜରିମାନା ଆଦାୟ



**ଢେଙ୍କାନାଳ ଅଫିସ୍, ୨୧।୪:** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିୟୋଜିତ ଯାନବାହନଗୁଡ଼ିକର ଯାଞ୍ଚ କାର୍ଯ୍ୟ ଆରମ୍ଭ ହୋଇଛି। ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ମାଝିଙ୍କ ନେତୃତ୍ୱରେ ଟ୍ରାଫିକ୍ ଇନ୍ସପେକ୍ଟର ସିତାଂଶୁ ରଞ୍ଜନ ବେହେରା, କନିଷ୍ଠ ମୋଟରଯାନ ନିରୀକ୍ଷକ ମାନସ ରଞ୍ଜନ ପୃଷ୍ଟି ପ୍ରମୁଖ କର୍ମଚାରୀଙ୍କ ସହ ଗୁରୁବାର ଢେଙ୍କାନାଳ ସହରରେ ଛାତ୍ରୀଛାତ୍ରଙ୍କୁ ପରିବହନ କରୁଥିବା ଯାନବାହନଗୁଡ଼ିକ ଯାଞ୍ଚ କରିଥିଲେ। କାଗଜପତ୍ର ଏବଂ ଫିଟ୍‌ନେସ୍ ଠିକ୍ ନ ଥିବାରୁ ୮ ଗାଡ଼ିରୁ ମୋଟ ୨ ଲକ୍ଷ ୩୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ତନ୍ମଧ୍ୟରେ ୫ଟି ବସ୍ ଏବଂ ୩ଟି ଟାଟା ମ୍ୟାଜିକ୍ ରହିଛି। ସେଥିରୁ ଗୋଟିଏର ପଲ୍ୟୁଶନ ସାର୍ଟିଫିକେଟ, ୭ଟିର ଫିଟନେସ୍, ୫ଟିର ପରମିଟ୍, ୫ଟିର ଇନସ୍ୟୁରାନ୍ସ ନ ଥିବା ଜଣାପଡ଼ିଛି। ସେହିପରି ୩ ଗାଡ଼ିର ଚାଳକଙ୍କ ଲାଇସେନ୍ସ ନ ଥିବା ଯାଞ୍ଚ ବେଳେ ଜଣାପଡ଼ିଥିଲା। ଜିଲାର ଅଧିକାଂଶ ଶିକ୍ଷାନୁଷ୍ଠାନରେ ପୁରୁଣା ଗାଡ଼ି ନିୟୋଜିତ ହୋଇଛି। ସେଗୁଡ଼ିକର କାଗଜପତ୍ର ଠିକ୍ ନାହିଁ। ଆଗାମୀ ଦିନରେ ଯାନବାହନ ଯାଞ୍ଚ ଅଭିଯାନକୁ ଆହୁରି ଜୋର୍‌ଦାର କରାଯିବ। ନିୟମ ଖିଲାପ ହୋଇଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଛନ୍ତି।

### ପଥର ଖାଦାନରେ ଚଢ଼ାଉ, ୯ ଗାଡ଼ି ଜବତ



**ଢେଙ୍କାନାଳ ଅଫିସ, ୨୧।୪:** ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ସଦର ବ୍ଲକ ଅନ୍ତର୍ଗତ ଗଜମରା କମନିଙ୍ଗ ପଥର ଖାଦାନରେ ଅତର୍କିତ ଚଢ଼ାଉ କରାଯାଇଛି। ଘଟଣାସ୍ଥଳରୁ ବେଆଇନ ଖନନ କାର୍ଯ୍ୟରେ ନିୟୋଜିତ ୨ଟି ପାୱାର ଟ୍ରିଲର, ପଥର ଚାଲାଣରେ ନିୟୋଜିତ ୬ଟି ଟ୍ରକ୍ ଏବଂ ଗୋଟିଏ ଟ୍ରାକ୍ଟର ଜବତ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ଆଇଏଏସ୍ ପ୍ରୋବେଶନର ବିଭୂତି ଭୂଷଣ ନାୟକ ସଦଳବଳ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ସଦର ଏବଂ ଓଡ଼ାପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଶତାଧିକ ଖଣି ନିୟମ ଉଲ୍ଲଂଘନ କରି ଚାଲିଛି। ପଥର ମାଫିଆମାନେ ରାତିଅଧିଆ ବେଆଇନ ଚୋରାଚାଲାଣ କରୁଛନ୍ତି। ଏହାଦ୍ୱାରା ବିପୁଳ ରାଜସ୍ୱ ହାନି ହେଉଛି। ନିକଟରେ ରାଜ୍ୟ ସରକାର ଲଘୁଖଣିଜ ସମ୍ପଦର ଚୋରାଚାଲାଣ ରୋକିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ପଥର ଖଣି ଅଞ୍ଚଳରେ ଚଢ଼ାଉ ଜୋର୍‌ଦାର କରାଯାଇଥିବା ଉପଜିଲାପାଳ ସୂଚନା ଦେଇଛନ୍ତି।

### ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

**କାମାକ୍ଷାନଗର, ୨୧।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କୁରୁମୁଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ କୌଶଳ ଶିବିର ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗ ଅଧାପକ ନୃସିଂହ ପ୍ରସାଦ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବେହେରା ଯୋଗଦେଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଅଧାପକ ସୁରେନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଅଧାପିକା ଦେବସ୍ମିତା ଦାସ, ଅଧାପକ ଭବାନୀ ଶଙ୍କର ସାହୁ, ତ୍ରିଲୋଚନ ପ୍ରଧାନ ପ୍ରମୁଖ ଯୋଗଦେଇ ଦେଶ ପ୍ରଗତିରେ ନାରୀଶକ୍ତିର ଭୂମିକା, ମହିଳାଙ୍କ ସୁରକ୍ଷା ଏବଂ ଏଥିରେ ସାଧାରଣ ଜନତାଙ୍କ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଦୁଃଶାସନ ବିଶ୍ୱାଳ ଶିବିର ପରିଚାଳନା କରିଥିବାବେଳେ ମିନାକ୍ଷୀ ସ୍ୱାଇଁ, ବର୍ଷାରାଣୀ ବେହେରା ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ।

# ବ୍ରାହ୍ମଣୀ ତଟରେ ମେଣ୍ଟୁନି ଶୋଷ

- ଭୁବନ ଏନ୍‌ଏସିରେ ଜଟିଳ ହେଉଛି ଜଳସଙ୍କଟ
- ଅଭିଯୋଗ ଧରି ଜନସ୍ୱାସ୍ଥ୍ୟ ବିଭାଗକୁ ଲମ୍ବା ଧାଡ଼ି

(ବିପିନ ବିହାରୀ ସେଠୀ)
ଭୁବନ, ୨୧।୪



ଭୁବନ ଏନ୍‌ଏସିସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟାଳୟ।

ସହରଠାରୁ ଅନତି ଦୂରରେ ପ୍ରବାହିତ ହେଉଛି ବ୍ରାହ୍ମଣୀ। ଓଡ଼ିଶାର ଏହି ଦ୍ୱିତୀୟ ବୃହତ୍ତମ ନଦୀ ପରିପୁଷ୍ଟ କରୁଛି ଜନଜୀବନକୁ। ଏଠାରୁ ଟଣା ହୋଇଯାଉଥିବା ପାଣିରେ ଚାଲୁଛି ପଡ଼ୋଶୀ ଜିଲାର ଶତାଧିକ କମ୍ପାନୀ। ଅଥଚ ନଦୀକୂଳରେ ଥାଇ ପାଣି ମୁନ୍ଦାଏ ପାଇଁ ଛଟପଟ ହେଉଛନ୍ତି ଭୁବନ ଅଞ୍ଚଳବାସୀ। ସହରାଞ୍ଚଳରେ ଜଳସଙ୍କଟ ସବୁଦିନିଆ ସମସ୍ୟାରେ ପରିଣତ ହୋଇଥିବାବେଳେ ଏହାର ସମାଧାନରେ ବିଫଳ ହୋଇଛି ଜନସ୍ୱାସ୍ଥ୍ୟ ବିଭାଗ ଏବଂ ଏନ୍‌ଏସି ପ୍ରଶାସନ।

୧୯୭୧ରେ ଏନ୍‌ଏସି ମାନ୍ୟତା ପାଇଥିଲା ଢେଙ୍କାନାଳ ଜିଲାର ଐତିହାସିକ ସହର ଭୁବନ। ଇତିମଧ୍ୟରେ ବିତିଗଲାଣି ଦୀର୍ଘ ୫୦ ବର୍ଷ। ୨୦୧୧ ଜନଗଣନା ଅନୁଯାୟୀ ଏଠାକାର ଜନସଂଖ୍ୟା ଥିଲା ୨୨ ହଜାର ୧୮୭। ଗତ ୧୧ ବର୍ଷ ମଧ୍ୟରେ ବଢ଼ିଛି ସହରର କଳେବର। ବୃଦ୍ଧିପାଇଛି ଜନସଂଖ୍ୟା। ସହର ଉପକଣ୍ଠରେ ମୁଣ୍ଡ ଟେକିଛି ନୂଆ ବସ୍ତି। ଜିଲାର ଅନ୍ୟତମ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାରୁ ଦୈନିକ ହଜାର ହଜାର ଲୋକ ଏଠାକୁ ଆସୁଛନ୍ତି। ହେଲେ ଅଦ୍ୟାବଧି ଜଳଯୋଗାଣ ସୁବ୍ୟବସ୍ଥିତ ହୋଇପାରୁନାହିଁ। ପ୍ରକୃତ ଜନସଂଖ୍ୟାର ହିସାବ ବିଭାଗ ପାଖରେ ନ ଥିବାବେଳେ ଚିରାଚରିତ ଢଙ୍ଗରେ ଚାଲିଛି ଜଳଯୋଗାଣ। ପାନୀୟ ଜଳଯୋଗାଣ ପାଇଁ ମାଷ୍ଟରପ୍ଲାନ୍ କାଗଜପତ୍ରରେ ସୀମିତ ହୋଇ ରହିଯାଇଥିବାବେଳେ ବର୍ଷତମାମ ଜଳକଷ୍ଟର ଶିକାର ହେଉଛନ୍ତି ସ୍ଥାନୀୟ ବାସିନ୍ଦା।

ଜନସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ, ସହରରେ ଦୈନିକ ୨୦ ଲକ୍ଷ ୮୫ ହଜାର ଲିଟର ପାନୀୟ ଜଳ ଯୋଗାଣ କରାଯାଉଛି। ୧୫ ୱାର୍ଡରେ ୧୨୧ ନଳକୂପ, ୯୮ ଷ୍ଟାଣ୍ଡପୋଷ୍ଟ ସମେତ ଖୋଲାକୂଅ ରହିଛି। ହେଲେ ଏହା ଲୋକଙ୍କ ପାଇଁ ଯଥେଷ୍ଟ ହେଉନାହିଁ। ଏନ୍‌ଏସିର ୨, ୫, ୯, ୧୦ ଏବଂ ୧୧ ନଂ. ୱାର୍ଡରେ ସମସ୍ୟା ଉତ୍କଟ ରୂପ ଧାରଣ କଲାଣି। ପାଣି ପାଇଁ ଅଧିକାଂଶ ସମୟରେ ଗଣ୍ଡଗୋଳ ହେଉଛି। ସମସ୍ୟା ଧରି ବୁଦ୍ଧିଜୀବୀ, ମହିଳା ପ୍ରତିଦିନ ଜନସ୍ୱାସ୍ଥ୍ୟ ବିଭାଗରେ ପହଞ୍ଚି ହୋହଲ୍ଲା କରୁଛନ୍ତି, ଯାହାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି।

ଏ ସଂକ୍ରାନ୍ତରେ ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ସୋନାଲି ନାୟକ କୁହନ୍ତି, ସହରବାସୀଙ୍କ ପାଇଁ ଜଳଯୋଗାଣ ସୁନିଶ୍ଚିତ କରିବା ଲାଗି ମେଗା ପାନୀୟ ଜଳ ପ୍ରକଳ୍ପ, ୨ଟି ଓଭରହେଡ୍ ଟାଙ୍କି, ୨ଟି ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କରିବାକୁ ଯୋଜନା ରହିଛି। କେତେକ କ୍ଷେତ୍ରରେ ଲୋକଙ୍କ ମଧ୍ୟରେ ସଚେତନତା ଅଭାବରୁ ପାଣି ଅଯଥା ନଷ୍ଟ ହେଉଛି। ଏଥିପ୍ରତି ସମସ୍ତେ ଗୁରୁତ୍ୱ ଦେବା ଜରୁରୀ। ଖରାଦିନେ ଜଳକ୍ଲିଷ୍ଟ ୱାର୍ଡଗୁଡ଼ିକରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ବ୍ୟବସ୍ଥା କରାଯିବ।

**ଖୁବ୍‌ଶୀଘ୍ର ଅସ୍ଥାୟୀ ସିନ୍‌ଟେକ୍ସ ଟାଙ୍କି ବ୍ୟବସ୍ଥା**



" ଭୁବନ ସହରର ପାଣି ସମସ୍ୟାର ସମାଧାନ ପାଇଁ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇଛି। ବ୍ରାହ୍ମଣୀ ନଦୀ ପାଣିକୁ ବିଶୁଦ୍ଧ କରି ଯୋଗାଇ ଦିଆଯିବା ପାଇଁ ଓଭରହେଡ୍ ଟାଙ୍କି ନିର୍ମାଣ ଜରୁରୀ। ଜଳ ସଙ୍କଟ ଥିବା ୱାର୍ଡରେ ଜରୁରିକାଳୀନ ଭିତ୍ତିରେ ଅସ୍ଥାୟୀ ଭାବେ ସିନ୍‌ଟେକ୍ସ ଟାଙ୍କି ରଖି ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯିବ।

-ଶୁଭେନ୍ଦୁ କୁମାର ସାହୁ, ନଗରପାଳ

**ସ୍ଥାୟୀ ସମାଧାନ ଜରୁରୀ ହୋଇପଡ଼ିଛି**



" ସହରବାସୀ ଦୀର୍ଘଦିନ ହେଲା ଜଳକଷ୍ଟ ଭୋଗୁଛନ୍ତି। ସମସ୍ୟା ବିଷୟରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଉଛି। ଏହାର ସ୍ଥାୟୀ ପ୍ରତିକାର କରିବା ଜରୁରୀ ହୋଇପଡ଼ିଛି।

-ପପୁ କୁମାର ସାହୁ, ୯ନଂ. ୱାର୍ଡ କାଉନ୍‌ସିଲର

**ଅଧିକାରୀ ଗୁରୁତ୍ୱ ଦେଉନାହାନ୍ତି**



" ପାନୀୟ ଜଳ ସମସ୍ୟାର ସମାଧାନ କେବଳ ପ୍ରତିଶ୍ରୁତିରେ ଅଟକିଛି। ଜଳଯୋଗାଣ ପାଇଁ ମାଟିତଳେ ବିଛାଯାଉଥିବା ପାଇପ ଅତ୍ୟନ୍ତ ନିମ୍ନମାନର। ପାଇପ୍ ଫାଟି ରାସ୍ତାରେ ପାଣି ପ୍ରବାହିତ ହେଉଥିବାବେଳେ ଲୋକଙ୍କ ପାଖରେ ପହଞ୍ଚୁନି। ଏଥିପ୍ରତି ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉନାହାନ୍ତି।

-ପ୍ରଭାକର ସାହୁ, ବରିଷ୍ଠ ନାଗରିକ

**ଅଭିଯୋଗ କରି ଥକିଗଲୁଣି**



" ବର୍ଷସାରା ପାନୀୟ ଜଳ ସଙ୍କଟ ଲାଗିରହିଛି। ସିଧାସଳଖ ଖୋଲାକୂଅ ପାଣି ବ୍ୟବହାର କରିବା ଅସମ୍ଭବ। ନଳକୂପ ମଧ ଅଚଳ ହୋଇପଡୁଛି। ଜନସ୍ୱାସ୍ଥ୍ୟ ବିଭାଗର ଖାମଖିଆଲ ନୀତି ପାଇଁ ସମସ୍ୟା ହେଉଛି। ଅଭିଯୋଗ କରି କରି ଥକିଗଲୁଣି।

-ଦୀପ୍ତିମୟୀ ସାହୁ, ଗୋପାଳଜୀଉ ଏସ୍‌ଏଚ୍‌ଜି ସମ୍ପାଦିକା

# ଅସୁସ୍ଥ ଛୁଆ ହାତୀ ମୃତ

ଢେଙ୍କାନାଳ ଅଫିସ୍/
ରାସୋଲ(ଡି.ଏନ୍.ଏ.), ୨୧।୪




ମୃତ ହାତୀଛୁଆ।

- ଢେଙ୍କାନାଳକୁ ଫେରିଲା ହର୍ପିସ୍ ଭୟ
- ପରୀକ୍ଷା ପାଇଁ ଓୟୁଏଟି ଗଲା ନମୁନା

କିଛିଦିନର ବ୍ୟବଧାନ ପରେ ହାତୀମୃତ୍ୟୁକୁ ନେଇ ପୁଣି ଚର୍ଚ୍ଚାକୁ ଆସିଛି ଢେଙ୍କାନାଳ ଜିଲା। ପଲରୁ ଅଲଗା ହେବା ପରେ ଅସୁସ୍ଥ ହୋଇପଡ଼ିଥିବା ଏକ ମାଈ ଛୁଆହାତୀର ମୃତଦେହ ହିନ୍ଦୋଳ ରେଞ୍ଜ୍ ଖଲିବୋରେଇ ସେକ୍ସନ ଆଲୁସିଂହ ନିକଟ କାଜୁ ଜଙ୍ଗଲରୁ ଜବତ କରାଯାଇଛି। ଏହାର ଆନୁମାନିକ ବୟସ ପ୍ରାୟ ୧ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ସଦର ରେଞ୍ଜ୍ ଚନ୍ଦ୍ରଶେଖରପ୍ରସାଦ ଅଞ୍ଚଳରେ ଏକ ହାତୀପଲ ଡେରା ପକାଇଥିବାବେଳେ ଉକ୍ତ ଶାବକ ଅସୁସ୍ଥ ହୋଇପଡ଼ିଥିଲା। ଗତ ୨ତାରିଖରେ ପଲରୁ ଅଲଗା ହୋଇ ଜନବସତିକୁ ଚାଲି ଆସିଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବନ ବିଭାଗ ଟିମ୍ ପହଞ୍ଚି ଏହାର ଚିକିତ୍ସା କରିଥିଲେ। ସୁସ୍ଥ ହେବା ପରେ ସେ ଦଳରେ ମିଶି ଆଲୁସିଂହ ଆଡ଼କୁ ଯାଇଥିଲା। ହେଲେ କୌଣସି କାରଣରୁ ପୁନର୍ବାର ପଲରୁ ଅଲଗା ହୋଇଯିବା ପରେ ୫ଦିନ ହେଲା ଆଲୁସିଂହ ଅଞ୍ଚଳରେ ଏକାକୀ ଘୂରି ବୁଲୁଥିଲା। ଏହା ଉପରେ ବନ ବିଭାଗ ନଜର ରଖିଥିବାବେଳେ ଗୁରୁବାର ମୃତଦେହ ଠାବ କରାଯାଇଛି।

ସୂଚନା ପାଇ ସହକାରୀ ବନ ସଂରକ୍ଷକ ରଶ୍ମିରଞ୍ଜନ ସ୍ୱାଇଁ, ରେଞ୍ଜର ଲୋହିତ ରଥ, ସ୍ଥାନୀୟ ପ୍ରାଣୀ ଚିକିତ୍ସକ ପ୍ରମୁଖ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରିଥିଲେ। ତେବେ କେଉଁ ପରିସ୍ଥିତିରେ ହାତୀ ଶାବକର ମୃତ୍ୟୁ ଘଟିଲା ତାହା ଅସ୍ପଷ୍ଟ ରହିଛି। ଏହାର କାରଣ ଜାଣିବା ପାଇଁ ମୃତଦେହରୁ ନମୁନା ସଂଗ୍ରହ କରି ଭୁବନେଶ୍ୱର ଓୟୁଏଟି କ୍ୟାମ୍ପସ ପରିସରରେ ଥିବା ସେଣ୍ଟର ଫର୍ ୱାଇଲ୍ଡ ଲାଇଫ୍ ହେଲ୍‌ଥ୍‌କୁ ପଠାଯାଇଥିବା ସହକାରୀ ବନ ସଂରକ୍ଷକ କହିଛନ୍ତି।

ସୂଚନାଯୋଗ୍ୟ, ଢେଙ୍କାନାଳ ବନଖଣ୍ଡରେ ଛୁଆ ହାତୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟୁଛି। ଏଥିପୂର୍ବରୁ ସଦର ରେଞ୍ଜ ଅଞ୍ଚଳରେ ହର୍ପିସ୍ ସଂକ୍ରମଣରେ ଏକ ହାତୀ ଶାବକର ମୃତ୍ୟୁ ଘଟିଥିଲା। ସଦର ଏବଂ ହିନ୍ଦୋଳ ରେଞ୍ଜରେ ହର୍ପିସ୍ ଭୂତାଣୁ ସଂକ୍ରମଣ ଆଶଙ୍କା ଅଧିକ ଥିବାରୁ ଏହାକୁ ନେଇ ବନ ବିଭାଗ ଚିନ୍ତାରେ ପଡ଼ିଛି।

## ଫଳକ ଲାଗିଲା, ସୂଚନା ନାହିଁ

କାମାକ୍ଷାନଗର, ୨୧।୪(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଦଶିପୁର ପଞ୍ଚାୟତ ଗୁରୁଜାଙ୍ଗୁଲି ଗ୍ରାମସ୍ଥିତ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ନିର୍ମାଣରେ ଅନିୟମିତତା ଅଭିଯୋଗ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀଙ୍କ ଚେତା ପଶିଛି। କାମ ନେଇଥିବା ଠିକାଦାର ରାତିଅଧିଆ ଫଳକ ନିର୍ମାଣ କରିଛନ୍ତି। ତେବେ ଅଦ୍ୟାବଧି ଏଥିରେ ବିଧିବଦ୍ଧ ଭାବେ କୌଣସି ସୂଚନା ଉଲ୍ଲେଖ କରାଯାଇନାହିଁ, ଯାହାକୁ ନେଇ ପୁନର୍ବାର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, '୫ ଟି' ଆନୁକୂଲ୍ୟରେ ଉକ୍ତ ଖେଳପଡ଼ିଆର ଉନ୍ନତୀକରଣ ପାଇଁ ଯୋଜନା କରାଯାଇଛି। ଏଥିଲାଗି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ୧୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ତେବେ ନିୟମ ଅନୁଯାୟୀ ଫଳକ ନିର୍ମାଣ କରାଯାଇ ନ ଥିଲା। ଏପରି କି କାମ ନ କରି କେତେଜଣ ଶ୍ରମିକଙ୍କୁ ଖାତାକୁ ଟଙ୍କା ଛଡ଼ାଯାଇଥିବା ଜଣାପଡ଼ିଥିଲା। ଏ ନେଇ ଗ୍ରାମ ରୋଜଗାର ସେବକ ଦୀପୁନା ନାଏକଙ୍କୁ ଯୋଗାଯୋଗ କରିବାରେ ସେ କାମ ହୋଇ ନ ଥିବା ସ୍ୱୀକାର କରିବା ସହ ଆଗୁଆ କେତେଜଣ ଶ୍ରମିକଙ୍କୁ ଅର୍ଥ ଦିଆଯାଇଥିବା ସ୍ୱୀକାର କରିଥିଲେ, ଯାହା ଚର୍ଚ୍ଚାର ବିଷୟ ପାଲଟିଥିଲା।

# 'ଆବଶ୍ୟକ ସମୟରେ ଆତ୍ମବଳ ପ୍ରୟୋଗ କର'




ଜଣେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ସାତମାଇଲ ୨୧।୪(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍‌ସ୍ଥିତ ଓପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଡ. ମାନସୀ କର କହିଲେ, ଛାତ୍ରୀମାନେ ଆବଶ୍ୟକ ସମୟରେ ଆତ୍ମବଳ ପ୍ରୟୋଗ କରିବା ଉଚିତ। ଆତ୍ମରକ୍ଷା କୌଶଳକୁ କେବଳ ନିଜ ଭିତରେ ସୀମିତ ନ ରଖି ସମାଜ କଲ୍ୟାଣରେ ଉପଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟବକ୍ତା ଗୁରୁ ରାଉତରାୟ କହିଲେ, ନାରୀ ଧୈର୍ଯ୍ୟ ଓ ସାହସର ମୂର୍ତ୍ତିମନ୍ତ ବିଗ୍ରହ। ମହିଳାମାନଙ୍କ ସୁରକ୍ଷା ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ନୟନ ବାରିକ ଉପସ୍ଥିତ ଥିଲେ।

ଟ୍ରେନର ପୂଜାରିଣୀ ବେହେରାଙ୍କ ନିର୍ଦ୍ଦେଶରେ ଛାତ୍ରୀ ସ୍ମୃତିରାଣୀ ଧୀର ଏବଂ ରୂପାଲୀ ସାହୁ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ମଧୁସ୍ମିତା ନାୟକ ସ୍ୱାଗତ ଭାଷଣ ଏବଂ ସହ ସଂଯୋଜକ ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଉପାନ୍ତରେ କାୟା ମେଲାଉଛି କୁଷ୍ଠ

ଢେଙ୍କାନାଳ ଅଫିସ, ୨୧।୪

**ସ୍ୱାସ୍ଥ୍ୟମେଳାରେ ୧୫ ରୋଗୀ ଚିହ୍ନଟ**

ଢେଙ୍କାନାଳ ଜିଲାର ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକର ଉପାନ୍ତ ଏକୁଲ-ସେକୁଲରେ କୁଷ୍ଠରୋଗ କାୟା ମେଲାଇବାରେ ଲାଗିଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଗୁରୁବାର ଅନୁଷ୍ଠିତ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳାରେ ୧୫ ଜଣ କୁଷ୍ଠ ଆକ୍ରାନ୍ତ ଚିହ୍ନଟ ହେବା ପରେ କୁଷ୍ଠ ମୁକ୍ତ ଜିଲା ଅଭିଯାନକୁ ଶକ୍ତ ଆଘାତ ଲାଗିଛି। ଉକ୍ତ ଦୁର୍ଗମ ଅଞ୍ଚଳରେ ଗମନାଗମନର ସୁବିଧା ନ ଥିବାବେଳେ ଲୋକମାନେ ଆବଶ୍ୟକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରାମର୍ଶ ମିଳୁ ନ ଥିବାରୁ କୁଷ୍ଠ ରୋଗୀଙ୍କ ସଂଖ୍ୟା ବଢୁଥିବା ଅଭିଯୋଗ ହେଉଛି।

ଏକୁଲ-ସେକୁଲ ପ୍ରାଥମିକ ସ୍କୁଲ ପଡ଼ିଆରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରକୁ ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଚାରୁଲତା ମିଶ୍ର, ବିଡିଓ ବୁଲ୍‌ବୁଲ୍ ବେହେରା, ଜିଲା ପରିଷଦ ସଭ୍ୟା ରୀନା ହେଁସା, କାନ୍ତୋଲ ସରପଞ୍ଚ କାମିନୀ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ପ୍ରଦୀପ କୁମାର ଜେନା, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଅମ୍ବିକା ସାହୁ ଏବଂ ବୀରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଆଖପାଖ ଅଞ୍ଚଳର ୪୦୦ରୁ ଊର୍ଦ୍ଧ୍ୱ ରୋଗୀ ଶିବିରରେ ଯୋଗଦେଇ ସ୍ୱାସ୍ଥ୍ୟଗତ ପରାମର୍ଶ ନେଇଥିଲେ। ୨୧୧ଜଣଙ୍କୁ ସ୍ୱାସ୍ଥ୍ୟ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଶିବିରରେ ୧୫୬ଜଣଙ୍କ କୋଭିଡ୍ ପରୀକ୍ଷା ଓ ୫୦ଜଣଙ୍କ ଏଚ୍‌ଆଇଭି ପରୀକ୍ଷା କରାଯାଇଥିଲା। ୨୦ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ ହୋଇଛି। ୧୫ କୁଷ୍ଠାକ୍ରାନ୍ତଙ୍କୁ ନିଃଶୁଳ୍କ ପରାମର୍ଶ ସହ ଔଷଧ ବଣ୍ଟନ କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ ପ୍ରଶାସନ ସହାୟତାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁଷ୍ଠରୋଗୀ ଚିହ୍ନଟ ଅଭିଯାନ ଆରମ୍ଭ କରିବା ଏବଂ ଏଥିରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀଙ୍କୁ ସାମିଲ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ହାତ ଯୋଡ଼ିଲେ, ନେହୁରା ହେଲେ

- ବିଦ୍ୟାଳୟ ମିଶ୍ରଣକୁ ନେଇ ତୀବ୍ର ହେଲା ଅସନ୍ତୋଷ
- ପ୍ରଶାସନର ଦ୍ୱାରସ୍ଥ ହେଲେ ଛାତ୍ରୀଛାତ୍ର, ଅଭିଭାବକ

ଢେଙ୍କାନାଳ ଅଫିସ, ୨୧।୪



ଗ୍ରାମବାସୀ ଏବଂ ଛାତ୍ରୀଛାତ୍ରମାନେ ହାତଯୋଡ଼ି ସ୍କୁଲ ମିଶ୍ରଣ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଜିଲାପାଳଙ୍କୁ ନେହୁରା ହେଉଛନ୍ତି।

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସଦାଶିବପୁର ପଞ୍ଚାୟତ ଅଧୀନ ପଶାସିଂହ ଗ୍ରାମ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ପୁଞ୍ଜୀଭୂତ ଅସନ୍ତୋଷ ତୀବ୍ର ରୂପ ଧାରଣ କରିଛି। ଛାତ୍ରୀଛାତ୍ରଙ୍କୁ ଅକଳରେ ପକାଉଥିବା ଏଭଳି ନିଷ୍ପତ୍ତିକୁ ବିରୋଧ କରି ଗୁରୁବାର ଶତାଧିକ ଅଭିଭାବକ ଏବଂ ଛାତ୍ରୀଛାତ୍ର ଜିଲାପାଳଙ୍କ ପ୍ରକୋଷ୍ଠ ଆଗରେ ପ୍ରତିବାଦ କରିଛନ୍ତି। ଛୋଟଛୋଟ ପିଲାମାନେ ହାତଯୋଡ଼ି 'ଆମକୁ ଆମ ସ୍କୁଲ ଫେରାଇଦିଅ' ବୋଲି ଗୁହାରି କରିବା ଦୃଶ୍ୟ ସମସ୍ୟାର ଗମ୍ଭୀରତାକୁ ଦର୍ଶାଉଥିବାବେଳେ ଏଥିପ୍ରତି ଜିଲା ପ୍ରଶାସନ ଏବଂ ଶିକ୍ଷା ବିଭାଗ ସକାରାତ୍ମକ ମନୋଭାବ ପୋଷଣ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୨୦ରେ ଗଣଶିକ୍ଷା ବିଭାଗର ଘୋଷଣା ପରେ ପଶାସିଂହ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଗ୍ରାମଠାରୁ ୨ କି.ମି. ଦୂର ରସାସିଂହ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। ଏହା ଫଳରେ ପିଲାମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଅଞ୍ଚଳ ହାତୀ ଉପଦ୍ରୁତ। ସ୍କୁଲରେ ପହଞ୍ଚିବାକୁ ହେଲେ ରେଳଧାରଣା, ଜଙ୍ଗଲରାସ୍ତା ପାର୍ ହେବାକୁ ପଡୁଛି। ବନ୍ୟଜନ୍ତୁ ଆକ୍ରମଣ ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ଜୀବନ ପ୍ରତି ବିପଦ ଥିବାରୁ ଅଭିଭାବକମାନେ ଭୟରେ କୋମଳମତି ପିଲାଙ୍କୁ ସ୍କୁଲ ଛାଡୁନାହାନ୍ତି। ଦୀର୍ଘ ୨ବର୍ଷ ହେଲା ସମସ୍ୟା ନେଇ ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ପ୍ରଶାସନ ଗୁହାରି ଶୁଣୁନାହିଁ। ଶିକ୍ଷା ବିଭାଗର ଏଭଳି ନିଷ୍ପତ୍ତି ପିଲାଙ୍କୁ ମୂର୍ଖ କରିଦେବ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। କିଭଳି ଭାବେ ଗ୍ରାଉଣ୍ଡଜିରୋ ରିପୋର୍ଟ ପ୍ରସ୍ତୁତ କରି ବିଦ୍ୟାଳୟ ମିଶ୍ରଣ କରାଗଲା, ସେ ନେଇ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି।

ଅଭିଯୋଗ ପାଇବା ପରେ ଜିଲାପାଳ ସରୋଜ କୁମାର ସେଠୀ ଜିଲା ଶିକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏ ସଂକ୍ରାନ୍ତରେ ସଦାଶିବପୁର ସରପଞ୍ଚ ଧରିତ୍ରୀ ମଲ୍ଲିକ କୁହନ୍ତି, ପଶାସିଂହ ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ଲାଗି ସୁବିଧା ରହିଛି। ତେବେ ବିଦ୍ୟାଳୟ ମିଶ୍ରଣ ପରେ ସମସ୍ୟା ବଢ଼ିଛି। ଏ ନେଇ ବିଭିନ୍ନ ସମୟରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆସନ୍ତା ୨୫ ତାରିଖରେ ଜିଲା ଶିକ୍ଷାଧିକାରୀ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ। ଏହା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ସରପଞ୍ଚ କହିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି କୁହନ୍ତି, ଉଭୟ ସ୍କୁଲ ମଧ୍ୟରେ ଦୂରତା ୯୦୦ ମିଟର। ସ୍କୁଲ ଯିବା ରାସ୍ତା ହାତୀ ଉପଦ୍ରୁତ ବୋଲି ଅଭିଯୋଗ ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରାଯିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ



ଛେଣ୍ଡିପଦା,୨୧।୪(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଗଡିଆ ଗ୍ରାମର ହାଟପଦା ଠାରେ ଥିବା ପୋଖରୀରେ ବୁଡ଼ି ଗୁରୁବାର ବାଗଡିଆ ଅଶାସାହିର ସନାତନ ସାହୁ(୮୦)ଙ୍କ ମୃତ୍ୟୁ ହୋଇଛି। ଘଟଣାରୁ ପ୍ରକାଶ, ସନାତନ ସବୁ ଦିନ ପରି ସକାଳୁ ଘର ଠାରୁ କିଛି ଦୂର ହାଟପଦା ପାଖ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ। ମଧ୍ୟାହ୍ନ ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକମାନେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କର ସନ୍ଧାନ ପାଇପାରି ନ ଥିଲେ। ଅପରାହ୍ନ ୩ଟାବେଳେ ସନାତନଙ୍କ ମୃତଦେହ ହାଟପଦା ନୂଆ ପୋଖରୀରେ ଭାସୁଥିବା କେତେଜଣ ଗାଈ ଚରାଳି ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚି ସନାତନଙ୍କ ମୃତଦେହକୁ ପାଣିରୁ ଉଦ୍ଧାର କର ଘରକୁ ଆଣିବା ସହ ସତ୍କାର କରିଦେଇଥିଲେ। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

### କୋଇଲା ଜବତ ଘଟଣାରେ ୨ ଗିରଫ



ଛେଣ୍ଡିପଦା,୨୧।୪(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କଇଁଛପଦା ଗ୍ରାମ ନିକଟରୁ ଗତ ୧୫ ତାରିଖରେ ଏକ ଚୋରା କୋଇଲା ବୋଝେଇ ଟ୍ରକ୍‌କୁ ପୋଲିସ ଜବତ କରିଥିବାବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ପୋଲିସ ଉକ୍ତ କୋଇଲା ବୋଝେଇ ଟ୍ରକ୍ (ନଂ.ଓଡି୦୯ଏମ-୮୮୫୨)କୁ ଥାନାକୁ ଆଣିବା ସହିତ ୫ ଟନ କୋଇଲା ଜବତ କରିଥିଲା। ଏ ନେଇ ନଂ ୧୭୦/୨୨ରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ଟ୍ରକ ଚାଳକ ବିହାର ରାଜ୍ୟର ଅମରେଶ କୁମାରଙ୍କୁ କେନ୍ଦୁଝରରୁ ଗିରଫ କରିଥିଲା। ସେହିପରି ଉକ୍ତ କୋଇଲା ଚାଲାଣ କରୁଥିବା ସନ୍ତରାବନ୍ଧ ଗ୍ରାମର ସୁବାସ ଚନ୍ଦ୍ର ପ୍ରଧାନଙ୍କୁ ଗିରଫ ପରେ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

### ଚୋରି ମୋବାଇଲ ଜବତ, ଜଣେ ଗିରଫ

ଛେଣ୍ଡିପଦା,୨୧।୪(ସ୍ୱ.ପ୍ର.): ଛେଣ୍ଡିପଦା ପୋଲିସ ଏକ ମୋବାଇଲ ଚୋରି ଘଟଣାର ତଦନ୍ତ କରି ମାମୁରିଆ ଗ୍ରାମର ମହେଶ୍ୱର ବେହେରାଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଚୋରି ହୋଇଥିବା ମୋବାଇଲ ଜବତ କରିଛି। ପ୍ରକାଶ ଯେ, ମାମୁରିଆ ଗ୍ରାମର ବୀରବର ସାହୁଙ୍କ ପୁଅ ଭାଗବତ ସାହୁଙ୍କ ଏକ ମୋବାଇଲ ମାର୍ଚ୍ଚ ୧୮ ତାରିଖରେ ଚୋରି ହୋଇଥିଲା। ଏ ନେଇ ଭାଗବତଙ୍କ ପରିବାର ଏପ୍ରିଲ ୧୮ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ ୧୭୫/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗୁରୁବାର ଅଭିଯୁକ୍ତ ମହେଶ୍ୱରଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବାନ୍ଧିପାରୁନି ବନ ବିଭାଗ

- ବାଘ ମୃତ୍ୟୁ ଘଟଣାକୁ ୪ ମାସ ବିତିଲା
- ଏଯାଏ ଗିରଫ ହେଲେନି ଶିକାରୀ
- ପରିବେଶବିତ୍‌ଙ୍କ ମଧରେ ଅସନ୍ତୋଷ

ବଇଣ୍ଡା,୨୧।୪(ପରିକ୍ଷିତ ସାହୁ)

ଫାଶରେ ପଡ଼ି ଛଟିପିଟି ହେଉଥିବା କଲରାପତରିଆକୁ ଗୁଳି କରିଥିଲେ ଶିକାରୀ। ପରେ ନଖ କାଟି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଘଟଣାକୁ ୪ ମାସ ବିତିଗଲାଣି। ହେଲେ ତଦନ୍ତ ଓ ଚଢ଼ାଉରେ ସୀମିତ ରହିଛି ବନ ବିଭାଗର କାର୍ଯ୍ୟାନୁଷ୍ଠାନ। ସମ୍ପୃକ୍ତ ଶିକାରୀମାନେ ଜଙ୍ଗଲରେ ପୁନଃ ସକ୍ରିୟ ରହିଥିଲେ ମଧ ସେମାନଙ୍କୁ ବାନ୍ଧିବା ତ ଦୂରର କଥା ଏଯାଏ ସନ୍ଧାନ କରିପାରୁନି ବନ ବିଭାଗ। ଏହାକୁ ନେଇ ସାମାଜିକ କର୍ମୀ ଓ ପରିବେଶବିତ୍‌ମାନଙ୍କ ମଧରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ପ୍ରକାଶ ଯେ, ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଅନୁଗୋଳ ଜିଲାର ଆଠମଲ୍ଲିକ ଅଞ୍ଚଳରେ



ଶିକାରୀଙ୍କ ଫାଶରେ ପଡ଼ି ପ୍ରାଣ ହରାଇଥିବା କଲରାପତରିଆ ବାଘ।

ଶିକାରୀଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ସାତକୋଶିଆ ସଂଲଗ୍ନ ଏସବୁ ଜଙ୍ଗଲରେ ବହୁସଂଖ୍ୟାରେ ଜୀବଜନ୍ତୁ ଥିବାରୁ ଶିକାରୀଙ୍କ ଅବାଧ ପ୍ରବେଶ ଚିନ୍ତାର କାରଣ ହୋଇଛି। ଗତ ୧୭ ଡିସେମ୍ବର ୨୦୨୧ ରାତିରେ ହଣ୍ଡପା ରେଞ୍ଜ ପେଡ଼ିପଥର ସେକ୍ସନ ବାତ୍ରାଖୋଳ ଜଙ୍ଗଲ ନିକଟ ପିରମଲିହାସ୍ଥିତ ଏକ ବିଲରେ ବାର୍‌ହା ଶିକାର ଉଦ୍ଦେଶ୍ୟରେ ଶିକାରୀମାନେ ଫାଶ ବସାଇଥିବା ବେଳେ ସେଥିରେ ୬ ବର୍ଷୀୟ କଲରାପତରିଆ ବାଘ ପଡିଯାଇଥିଲା। ଦୂରରେ ଛକି ରହିଥିବା ଶିକାରୀମାନେ ଏହା ଦେଖିବା ପରେ ବାଘ ଦେହକୁ ଗୁଳି ମାରିଥିଲେ। ପରେ ମୃତ ବାଘର ନଖ କାଟିନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରଦିନ କେତେଜଣ ଗାଈ ଚରାଳିଙ୍କଠାରୁ ସୂଚନା ପାଇଁ ଘଟଣାସ୍ଥଳରେ ବନ ବିଭାଗର ବହୁ ଅଧିକାରୀ ପହଞ୍ଚି ତଦନ୍ତ କରିଥିଲେ। ନିକଟସ୍ଥ ଅଞ୍ଚଳର ୪ ଜଣ ଶିକାରୀ ଏଥିରେ ସମ୍ପୃକ୍ତ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ହେଲେ ସେମାନଙ୍କୁ ଗିରଫ କରିବାରେ ବନ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଏପରି ଅପାରଗତା ଦେଖି କିଛିଦିନ ହେଲା ଶିକାରୀମାନେ ଏହି ଅଞ୍ଚଳରେ ପୁଣି ଜନ୍ତୁ ଶିକାର ଆରମ୍ଭ କରିଛନ୍ତି। ଏପରି କି ସେମାନେ ଖୋଲାମେଲାରେ ବୁଲୁଥିବା ସାଧାରଣରେ ଅଭିଯୋଗ ହେଉଛି। ବନ ବିଭାଗ ପକ୍ଷରୁ ନିୟମିତ ପାଟ୍ରୋଲିଂ ଓ ଠିକ୍ ସମୟରେ ଚଢ଼ାଉ କରାଯାଉ ନ ଥିବାରୁ ଶିକାରୀଙ୍କୁ ଗିରଫ କରାଯାଇ ପାରୁ ନ ଥିବା ବାତ୍ରାଖୋଳ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ବନ ବିଭାଗ ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ଡିଏଫ୍‌ଓ ଦାୟିତ୍ୱରେ ଥିବା ଅନୁଗୋଳ ଡିଏଫ୍‌ଓ ବିବେକ କୁମାର କହିଛନ୍ତି, ବାଘ ଶିକାରରେ ସମ୍ପୃକ୍ତ ଥିବା ଶିକାରୀମାନଙ୍କୁ ଧରିବା ପାଇଁ ଅନେକ ଥର ଚଢ଼ାଉ କରାଯାଇଛି। ଫେରାର ଥିବା ଯୋଗୁ ସେମାନଙ୍କୁ ଗିରଫ କରାଯାଇପାରୁ ନାହିଁ। ଏ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ।

**ସୁରକ୍ଷା ଦେବାରେ ବିଫଳ**



ଜଙ୍ଗଲଗୁଡ଼ିକରେ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବାରେ ବନ ବିଭାଗ ବିଫଳ ହୋଇଛି। ବିଶେଷକରି ବାଘ ଶିକାର କିପରି ରୋକାଯିବ ସେ ଦିଗରେ ଠିକଣା ପଦକ୍ଷେପ ନିଆଯାଉନାହିଁ। ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀଙ୍କୁ ମଧ ସଚେତନ କରିବା ଦିଗରେ ସେପରି ଆଗ୍ରହ ଦେଖାଯାଉ ନାହିଁ।

-ସୁଶୀଲ ପ୍ରଧାନ, ବଇଣ୍ଡା

**ବିପଦରେ କଲରାପତରିଆ ବଂଶ**



ସାତକୋଶିଆରେ ମହାବଳ ସଂଖ୍ୟା ବୃଦ୍ଧି ଯୋଜନା ବିଫଳ ହେଲା। ଏବେ କଲରାପତରିଆଙ୍କୁ ଯେପରି ଶିକାର କରାଯାଉଛି, ତାହା ଏହି ବନ୍ୟପ୍ରାଣୀଙ୍କ ବଂଶ ପ୍ରତି ବିପଦ ସୃଷ୍ଟି କରୁଛି। ଏଥିପ୍ରତି ଧ୍ୟାନ ଦେବା ସହ ବନ ବିଭାଗ ପାଟ୍ରୋଲିଂକୁ କଡାକଡ଼ି କରିବା ଆବଶ୍ୟକ।

-ଉଗ୍ରସେନ ସେଠୀ, ଆଇନଜୀବୀ

**ବନ ବିଭାଗ ଯତ୍ନବାନ ହେଉ**



ଆଠମଲ୍ଲିକ ଅଞ୍ଚଳର ଜଙ୍ଗଲଗୁଡ଼ିକରେ ଯେପରି ଜନ୍ତୁ ଶିକାର ଚାଲିଛି, ତାହାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କଲେଣି। ସାତକୋଶିଆ ନିକଟରେ ଥିବା ଯୋଗୁ ଏସବୁ ଜଙ୍ଗଲରେ ବାଘଙ୍କ ଚଳପ୍ରଚଳ ରହିଛି। ତେଣୁ ବନ ବିଭାଗ ଅଧିକ ଯତ୍ନବାନ ହୋଇ ଶିକାର ରୋକିବା ସହ ଶିକାରୀଙ୍କୁ ଗିରଫ କରୁ।

-ଅର୍ଜୁନ କୁମାର ସାହୁ, ସାମାଜିକ କର୍ମୀ

## କିରାଣିଙ୍କ ସନ୍ଦେହଜନକ ମୃତ୍ୟୁ

ଅନୁଗୋଳ ଅଫିସ,୨୧।୪

ଅନୁଗୋଳ ସଦର ଥାନା ଅନ୍ତର୍ଗତ ଖଲାରି ବିଶ୍ୱାଳସାହି ନିକଟ ଭଡ଼ା ଘରେ ରହୁଥିବା ତାଳଚେର ତହସିଲ ଅଫିସର କନିଷ୍ଠ କିରାଣି ପ୍ରଶାନ୍ତ ସାହୁ (୩୩)ଙ୍କ ଗୁରୁବାର ଭୋର୍ ସମୟରେ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କ ଘର ଜରପଡା ଥାନା ବିମଳବେଡା ଗ୍ରାମରେ। ପ୍ରକାଶ ଯେ, ଭୋର୍ ସମୟରେ କିରାଣି ସାହୁ ଦୁଇ ମହଲା କୋଠା ଛାତରୁ ୩୦ ଫୁଟ ତଳକୁ ଖସି ପଡ଼ିଥିଲେ। ମୁଣ୍ଡରେ ଗୁରୁତର ଆଘାତ ଲାଗିବା କାରଣରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଆତ୍ମହତ୍ୟା ବୋଲି ପୋଲିସ ସନ୍ଦେହ କରୁଛି। ପ୍ରାୟ ଚାରି ମାସ ତଳେ ମା'ଙ୍କ ମୃତ୍ୟୁ ଘଟିଥିବାରୁ ପ୍ରଶାନ୍ତ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। କିଛିଦିନ ଧରି ସେ ଚୁପ୍‌ଚାପ ରହୁଥିଲେ। ମାନସିକ ଭାବେ ଭାଙ୍ଗିପଡିଥିବାରୁ ଆତ୍ମହତ୍ୟା ଆଶଙ୍କା ଅଧିକ ଦୃଢ଼ୀଭୂତ ହେଉଛି। ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ପ୍ରଶାନ୍ତଙ୍କ ମୃତ୍ୟୁ ନେଇ ରାଜସ୍ୱ ଅମଲା ସଂଘ ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଛି।

## ତାପମାତ୍ରା ବଢ଼ାଉଛି ଜଙ୍ଗଲ ନିଆଁ

ଖମାର,୨୧।୪(ଡି.ଏନ.ଏ.)

ଦେବଗଡ଼ ବନାଞ୍ଚଳ ତଥା ଅନୁଗୋଳ ଜିଲା ଖମାର ବନଖଣ୍ଡ ଅନ୍ତର୍ଗତ କେତେକ ଜଙ୍ଗଲରେ ନିଆଁ ଲାଗି ଜଳୁଛି। ଫଳରେ ବହୁ ସଂଖ୍ୟାରେ ଗଛ, ଲତା ଓ ଗୁଳ୍ମ ଆଦି ପୋଡ଼ି ପାଉଁଶ ହୋଇଯାଉଛି। ବନ୍ୟଜନ୍ତୁଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। କେତେକ ଜୀବଜନ୍ତୁ ଗାଁ ମୁହାଁ ହେଉଥିବା ଦେଖିବାକୁମିଳୁଛି। ଏଥିସହ ସ୍ଥାନୀୟ ଅଞ୍ଚଳର ତାପମାତ୍ରା ବୃଦ୍ଧିରେ ଜଙ୍ଗଲ ନିଆଁ ପ୍ରମୁଖ କାରଣ ସାଜିଛି। ତେବେ ଜଙ୍ଗଲ ଜଳୁଥିବା ସମ୍ପର୍କରେ ବନ ବିଭାଗ ନିକଟରେ ଖବର ଥିଲେ ମଧ ଲିଭାଇବା ଦିଗରେ ସେପରି ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ଚଳିତ ବର୍ଷ ଗ୍ରୀଷ୍ମ ଋତୁ ଆଗରୁ ଖମାର ବନ ବିଭାଗ, ଅଗ୍ନିଶମ ବିଭାଗ, ବନ ସଂରକ୍ଷଣ ସମିତି, ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ବନ ବିଭାଗ ପକ୍ଷରୁ ଏକ ବୈଠକ ହୋଇଥିଲା। ଏଥିରେ ଜଙ୍ଗଲ ନିଆଁକୁ ଚଳିତ ବର୍ଷ କିପରି ସମ୍ପୂର୍ଣ୍ଣ ଭାବେ ରୋକାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। କିନ୍ତୁ ମାଲ୍ୟଗିରି ପାଦଦେଶ, ଚାରଗଛିଆ, ପୁରୁଣାପାଣି, ନୂଆଗାଁ, ପାଣିହେରା ଆଦି ଜଙ୍ଗଲରେ ନିଆଁ ଜଳୁଥିଲେ ମଧ ବନ ବିଭାଗ ଏଥିପ୍ରତି ନଜର ଦେଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଖମାର ରେଞ୍ଜର ଚନ୍ଦ୍ରଶେଖର ଗଡ଼ନାୟକ କହିଛନ୍ତି, ଜଙ୍ଗଲ ନିଆଁ ସମ୍ପର୍କରେ ବିଭାଗ ସଜାଗ ରହିଛି। ନିଆଁ ଲାଗିଥିବା ନେଇ ଖବର ପହଞ୍ଚିଲା ମାତ୍ରେ ତୁରନ୍ତ ଉକ୍ତ ସ୍ଥାନକୁ କର୍ମଚାରୀମାନଙ୍କୁ ପଠାଯାଇ ନିଆଁ ଲିଭାଯାଉଛି।

## ପୌରାଞ୍ଚଳରେ ଆବାସ କାର୍ଯ୍ୟାଦେଶ ପ୍ରଦାନ

ତାଳଚେର,୨୧।୪(ନି.ପ୍ର.)

ତାଳଚେର ପୌରାଞ୍ଚଳରେ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ୪୬୧ଜଣ ହିତାଧିକାରୀଙ୍କୁ ଗୁରୁବାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ନଗରପାଳ ପବିତ୍ର ଭୂତିଆ ଦାୟିତ୍ୱ ଗ୍ରହଣ କରିବା ପରେ ସହରରେ ଜଳଛତ୍ର ଓ ଆବାସ ହିତାଧିକାରୀଙ୍କୁ କାର୍ଯ୍ୟଦେଶ ବଣ୍ଟନ ଉପରେ ଗୁରୁତ୍ୱ ଦେଇଥିଲେ। ତେଣୁ ଏ ନେଇ ଏକ କାର୍ଯ୍ୟକ୍ରମ ସହରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ସରକାରଙ୍କ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ହିତାଧିକାରୀମାନଙ୍କୁ ବୁଝାଇଥିଲେ। ଆବାସ ପାଇଁ ଆସିଥିବା ୨ଲକ୍ଷ ଟଙ୍କାକୁ ବିନିଯୋଗ କରି ୩ମାସ ମଧ୍ୟରେ ଘର ସମ୍ପୂର୍ଣ୍ଣ କଲେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରସ୍କାର ସ୍ୱରୂପ ଆଉ ୨୦ ହଜାର ଟଙ୍କା ଲେଖାଏ ଅଧିକ ସହାୟତା ମିଳିବ ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଗୃହ ନିର୍ମାଣ ନିମନ୍ତେ ଆବଶ୍ୟକ ନଦୀ ବାଲିର କଟକଣା ତହସିଲଦାରଙ୍କ ସହଯୋଗ କ୍ରମେ ଦୂରକରାଯିବ ବୋଲି ବିଧାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ନଗରପାଳ ପବିତ୍ର ଭୂତିଆ ଅଧ୍ୟକ୍ଷତା କରିଥିବା ବେଳେ ଉପନଗରପାଳ ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ, ନିର୍ବାହୀ ଅଧିକାରୀ ସୁଶ୍ରୀ ରଶ୍ମିରେଖା ଅମାନ୍ତ, ସମସ୍ତ ୱାର୍ଡ କାଉନସିଲର, ମୁଖ୍ୟ କିରାଣି ଚିତ୍ତରଞ୍ଜନ ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ମଲ୍ଲିକ ଓ ପରିଷଦ କର୍ମଚାରୀ ଏବଂ ଆବାସ ଯୋଜନା ହିତାଧିକାରୀମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।

## ତ୍ରିପାକ୍ଷିକ ବୈଠକରେ ଥଇଥାନ, ବର୍ଦ୍ଧିତ ଅର୍ଥ ଦାବି

ଅନୁଗୋଳ ଅଫିସ,୨୧।୪

ଅନୁଗୋଳ ଜିଲା ନାଲ୍‌କୋ କମ୍ପାନୀର ଉତ୍କଳ ଇ' କୋଇଲା ଖଣି ପାଇଁ ରେଲୱେ ସାଇଡିଙ୍ଗର ଜମି ଅଧିଗ୍ରହଣ ହୋଇଥିବା ଗ୍ରାମର ଗ୍ରାମବାସୀ ଗୁରୁବାର ପୂର୍ବାହ୍ନରେ ଜିଲାପାଳଙ୍କୁ ଭେଟି ଥଇଥାନ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ ବିସ୍ଥାପିତ ଓ ଥଇଥାନ ନୀତି ଅନୁଯାୟୀ ଗ୍ରାମବାସୀଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯିବା ସମ୍ପର୍କରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେଇ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ୨୦୧୧ ମସିହାରେ ଅଧିଗ୍ରହଣ ହୋଇଥିବା ଜମିର ଏକର ପ୍ରତି ବର୍ଦ୍ଧିତ ଅର୍ଥରାଶି ପ୍ରଦାନ, ସମସ୍ତ ପରିବାରର ସଦସ୍ୟଙ୍କୁ ନିଯୁକ୍ତି ପ୍ରଦାନ ଓ ମାସିକ ପ୍ରୋତ୍ସାହନ ଭତ୍ତା ପ୍ରଦାନ ଆଦି ଦାବିଗୁଡିକୁ ଗ୍ରାମବାସୀମାନେ ଉପସ୍ଥାପନ କରିଥିଲେ। ସରକାରଙ୍କ ଦ୍ୱାରା ପ୍ରଚଳିତ ବିସ୍ଥାପିତ ଓ ଥଇଥାନ ନୀତିକୁ ଅନୁସରଣ କରାଯାଇ ଗ୍ରାମବାସୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଜଲାପାଳ ପ୍ରକାଶ କରିଥିଲେ। ଖୁବ୍‌ଶୀଘ୍ର ଗ୍ରାମବାସୀଙ୍କ ସହିତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେଇ ଆଉ ଏକ ବୈଠକ ଗ୍ରାମରେ ଅନୁଷ୍ଠିତ ହେବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ୧୦ ଡେସିମିଲ ଜାଗା ଓ ୩ ଲକ୍ଷ ଟଙ୍କା ସମେତ ବିଭିନ୍ନ ଥଇଥାନ ସୁବିଧା ପ୍ରତ୍ୟେକ ପରିବାରକୁ ପ୍ରଦାନ କରାଯିବ। ଏହି ବୈଠକରେ ଅତିରିକ୍ତ ଉପ ଜିଲାପାଳ ବଇତୁରା ଦୀପ୍, ଭୂ ଅର୍ଜନ ଅଧିକାରୀ(ସାଧାରଣ) ଇଷାନି ପଣ୍ଡା, ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କାଙ୍କ ସମେତ କମ୍ପାନୀ କର୍ତ୍ତୃପକ୍ଷ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



ବୈଠକରେ ପ୍ରଶାସନିକ ଅଧିକାରୀ, କମ୍ପାନୀ କର୍ତ୍ତୃପକ୍ଷ ଓ ଗ୍ରାମବାସୀ।

## ୪୨ ୟୁନିଟ୍ ରକ୍ତ ସଂଗ୍ରହ

ଅନୁଗୋଳ ଅଫିସ,୨୧।୪

ଅନୁଗୋଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୂଆମୌଜା ଗ୍ରାମ ପଞ୍ଚାୟତର ଲିଙ୍ଗରାଯୋଡି ଗ୍ରାମରେ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଜେଡି ଯୁବନେତା ଅରୁଣାଭ ସିଂହ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ବ୍ଲକ ଅଧକ୍ଷା ରାଜଶ୍ରୀ ସାହୁ, ବ୍ଲକ ବିଜେଡି ସଭାପତି ସରୋଜ ନାରାୟଣ ସାହୁ, ସରପଞ୍ଚ ବିକାଶ ପ୍ରଧାନ, ସମିତି ସଭ୍ୟ ତ୍ରିଲୋଚନ ନାୟକ ଯୋଗଦେଇଥିଲେ। ଉକ୍ତ ଶିବିରରେ ୪୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

## ହଂସରାଜଙ୍କ ଜୀବନୀ ଉପରେ ଆଲୋକପାତ

ତାଳଚେର,୨୧।୪(ନି.ପ୍ର.)

ତାଳଚେରସ୍ଥିତ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତ ବିହାର ପରିସରରେ ମହାତ୍ମା ହଂସରାଜଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନନ୍ତ ଡିଏଭି ଅଧକ୍ଷା ଜ୍ୟୋତି ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଆୟୋଜିତ ଯଜ୍ଞରେ ପୂର୍ଣ୍ଣାହୁତି ଦେବା ସହ ମହାତ୍ମା ହଂସରାଜଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ପବିତ୍ର ଦିବସ ଉପଲକ୍ଷେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା। ଏହି ଅବସରରେ ଶିକ୍ଷକ କରୁଣାକର ସାହୁଙ୍କ ଦ୍ୱାରା ହଂସରାଜଙ୍କ ଉପରେ ଆଧାରିତ ସ୍ୱରଚିତ କବିତା ପାଠ କରାଯାଇଥିଲା। ଶିକ୍ଷକ ଜଗନ୍ନାଥ ବିଭାର ମଞ୍ଚ ସଞ୍ଚାଳନ କରିଥିବାବେଳେ ଓଡ଼ିଆ ଅଧ୍ୟାପକ ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଭାକର ମହାନ୍ତି, ମାନସ ରଞ୍ଜନ ମିଶ୍ର, ଅଞ୍ଜନ ମୁଦୁଲି, ସୀମାଞ୍ଚଳ ପତି, ସସ୍ମିତା ମଞ୍ଜରୀ ଦେବୀ, ରୀତାରାଣୀ ତ୍ରିପାଠୀ, ସୁନନ୍ଦା ଦାସ, ସାଗରିକା ନାୟକ, ରବି ନାରାୟଣ ପଣ୍ଡା, ସୁବାସ ଚନ୍ଦ୍ର ଜେନା, ପ୍ରମୋଦ ଦେହୁରୀ, ଦୀପକ କୁମାର ମହାନ୍ତି, ବାବୁଲି ସାହୁ ପ୍ରମୁଖ ସହଯୋଗ କରିଥିଲେ।



ମହାତ୍ମା ହଂସରାଜଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ।

## ମନ୍ତ୍ରମୁଗ୍ଧ କଲା ସାଂସ୍କୃତିକ କାର୍ଯ୍ୟକ୍ରମ

ତାଳଚେର,୨୧।୪(ନି.ପ୍ର.)

ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠରେ ଚାଲିଥିବା ୧୮ତମ ଲୋକ ମହୋତ୍ସବର ଷଷ୍ଠ ସନ୍ଧ୍ୟା ବେଶ୍ ଆକର୍ଷଣୀୟ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଉତ୍ତରାଞ୍ଚଳ ରାଜସ୍ୱ

**ହିଙ୍ଗୁଳା ଲୋକ ମହୋତ୍ସବ**

ଆୟୁକ୍ତ ସୁରେଶ ଚନ୍ଦ୍ର ଦଳେଇ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ପାଲଲହଡା ଉପଜିଲାପାଳ ଅଜିତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ, ଆମ ରାଜ୍ୟରେ ୪୭୧ଟି ଲୋକକଳା ଥିବାବେଳେ ଏହା ବିଶ୍ୱର ଅନ୍ୟ କୌଣସିଠାରେ ଦେଖିବାକୁ ମିଳି ନ ଥାଏ। ମା' ହିଙ୍ଗୁଳାଙ୍କ ପୀଠରେ ଚାଲିଥିବା ଲୋକ ମହୋତ୍ସବ ମାଧ୍ୟମରେ ଆମ କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟର ପ୍ରଚାର ପ୍ରସାର ହେଉଥିବାରୁ ସେ ଟ୍ରଷ୍ଟବୋର୍ଡର ପ୍ରୟାସକୁ ପ୍ରଶଂସା କରିଥିଲେ। ତାଳଚେର ଉପଜିଲାପାଳ ତଥା ଟ୍ରଷ୍ଟବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ବିଶ୍ୱରଞ୍ଜନ ରଥ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ତାଳଚେର ସ୍ୱୟଂଶ୍ରୀ ନୃତ୍ୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାର ବିହୁ ନୃତ୍ୟ ଓ ନଟରାଜ କଳା ଏକାଡେମୀ ଦେଉଳବେଡାର କଳାକାରମାନଙ୍କ ଦ୍ୱାରା ଓଡ଼ିଶାର ପର୍ବପର୍ବାଣି ଏବଂ ରଙ୍ଗବତୀ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା। ଭୁବନେଶ୍ୱରର ନୃତ୍ୟଙ୍ଗନା ପକ୍ଷରୁ ଓଡ଼ିଶୀ ନୃତ୍ୟ, ଖୋର୍ଦ୍ଧାର କଳିଙ୍ଗ କ୍ରିଏଶନର କଳାକାରମାନେ ପାରମ୍ପରିକ ପାଇକ ଆଖଡା ଓ ସୁନ୍ଦରଗଡ଼ର ମୟୂରୀ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଲୋକନୃତ୍ୟ, ରସରକେଲୀ, ଝୁମୁରା ଓ ସମ୍ବଲପୁରୀ ନୃତ୍ୟ ଦର୍ଶକମାନଙ୍କ ମନକୁ ଛୁଇଁ ଯାଇଥିଲା। ସଞ୍ଜୀବ ପଟ୍ଟନାୟକ ଓ ଲକ୍ଷ୍ମୀପ୍ରିୟା ସେନାପତି ପରିଚାଳନା କରିଥିଲେ। ତାଳଚେର ଡେପୁଟି କଲେକ୍ଟର ଚିନ୍ମୟୀ ଚେତନା ଦାସ, ତହସିଲଦାର ମନ୍ମଥ କୁମାର ନାୟକ, ସହକାରୀ ଜିଲାପାଳ ଚିନ୍ମୟ କୁମାର ଦାସ, ପ୍ରକାଶ କୁମାର ନାୟକ, ଟ୍ରଷ୍ଟବୋର୍ଡ ସଦସ୍ୟ ମୁରଲୀଧର ସାହୁ, ରାଜେନ୍ଦ୍ର ସିଂହ, ଅରୁଣ କୁମାର ପ୍ରଧାନ, ସଞ୍ଜୟ କୁମାର ସାହୁ, ସନ୍ତୋଷ କୁମାର ପ୍ରଧାନ, ଗଗନ ବିହାରୀ ସାହୁ, ଧୂଳେଶ୍ୱର ବେହେରା ସହଯୋଗ କରିଥିଲେ।



ଲୋକ ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଧରିତ୍ରୀ
DHARITRI
ଶୁକ୍ରବାର, ୨୨ ଏପ୍ରିଲ, ୨୦୨୨



# ମହୁଲଗଛରେ ଛାତ୍ରଙ୍କ ଝୁଲନ୍ତା ମୃତଦେହ

■ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ
■ପକେଟରୁ ମିଳିଲା ସୁଇସାଇଡ୍ ନୋଟ୍
■ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି ପୋଲିସ

ଛେଣ୍ଡିପଦା,୨୧।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ସାପୋଇସାହିସ୍ଥିତ କଡିବୁରୀ ନିକଟ ଏକ ମହୁଲ ଗଛରୁ ଗୁରୁବାର ଜଣେ କଲେଜ ଛାତ୍ରଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତ ଛାତ୍ର ଜଣକ ହେଲେ ଛେଣ୍ଡିପଦା ବାପୁଜୀ ମହାବିଦ୍ୟାଳୟର ପ୍ରଥମବର୍ଷ ଛାତ୍ର ବିବେକାନନ୍ଦ ସାହୁ। ତେବେ ଛାତ୍ରଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପରିବାର ଲୋକେ ଏ ନେଇ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି।



ଘଟଣାସ୍ଥଳରେ ପୋଲିସ ଓ ପରିବାର ଲୋକଙ୍କ ସହ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଅଛନ୍ତି।

ପଞ୍ଚନାମା ବେଳେ ମୃତକଙ୍କ ପକେଟରୁ ଏକ ସୁଇସାଇଡ୍ ନୋଟ୍ ମିଳିଛି। ତାହାକୁ ପୋଲିସ ଜବତ କରିବା ସହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଥିବା ସୂଚନା ମିଳିଛି।

ଘଟଣାରୁ ପ୍ରକାଶ, ଛେଣ୍ଡିପଦା ଥାନା ବରପଦା ଗ୍ରାମର ଡିଲେଶ୍ୱର ସାହୁଙ୍କ ପୁଅ ବିବେକାନନ୍ଦ ବାପୁଜୀ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ର। ସେ ମହାବିଦ୍ୟାଳୟ ନିକଟସ୍ଥ ଏକ ଘରୋଇ ହଷ୍ଟେଲରେ ରହି ପଢୁଥିଲେ। ସକାଳେ ଉକ୍ତ ହଷ୍ଟେଲ ପଛପାଖରୁ ୨୦୦ ମିଟର ଦୂର କଡିବୁରୀର ଏକ ମହୁଲ ଗଛରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା କେତେଜଣ ମହୁଲ ଗୋଟାଳି ଦେଖି ହଷ୍ଟେଲ ମାଲିକଙ୍କୁ ଖବର ଦେଇଥିଲେ। ହଷ୍ଟେଲ ମାଲିକ ପରିବାର ଲୋକଙ୍କୁ ଓ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପରିବାର ଲୋକେ ପହଞ୍ଚି ପୁଅର ଝୁଲନ୍ତା ମୃତଦେହ ଦେଖିବା ପରେ କେହି ମାରି ଝୁଲାଇ ଦେଇଥିବା ଥାନାରେ ଲିଖିତ ଅଭିଯୋଗ କରିବା ସହ ସାଇଣ୍ଟିଫିକ ଟିମ୍ ଜରିଆରେ ତଦନ୍ତ କରିବାକୁ ଦାବି କରିଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ଡକାଇ ଘଟଣାସ୍ଥଳରେ ତଦନ୍ତ କରିଥିଲା। ଏଥିସହ ବିବେକାନନ୍ଦଙ୍କ ପକେଟରୁ ଏକ ସୁଇସାଇଡାଲ ନୋଟ ପୋଲିସ ଜବତ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡିବ ବୋଲି ଥାନା ଅଧିକାରୀ ଧିରେନ କୁମାର ବେହେରା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୨୮ରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା



କଣିହାଁ,୨୧।୪(ଡି.ଏନ.ଏ.)- କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତ ଶ୍ରୀଜଗନ୍ନାଥ ହାଇସ୍କୁଲଠାରେ ୨୮ତାରିଖରେ ବ୍ଲକସ୍ତରୀୟ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତରଫରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହେବ। ଏ ନେଇ ପ୍ରସ୍ତୁତି ବୈଠକ ଶେଷ ହୋଇଥିବାବେଳେ ଗୁରୁବାର କାଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସୂଚନା ମିଳିଛି। ହୋଇଥିବା ପ୍ରସ୍ତୁତି ବୈଠକରେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ ଅଧକ୍ଷତା କରିଥିବାବେଳେ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ସହିତ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଜିଲାପରିଷଦ ସଦସ୍ୟ ରଞ୍ଜନ ସାହୁ, ସରପଞ୍ଚ, ସମିତି ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟମେଳାରେ ଅନେକ ବିଭାଗର ଡାକ୍ତର ଯୋଗଦାନ କରିବେ ବୋଲି ବିପିଏମ୍ ମୋନାଲିସା ପ୍ରଧାନ, ବିତ୍ତୀୟ ଅଧିକାରୀ ଅନୁପ କର ପ୍ରମୁଖ ସୂଚନା ଦେଇଛନ୍ତି।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




କଣିହାଁ,୨୧।୪(ଡି.ଏନ.ଏ.): କଣିହାଁ ବ୍ଲକ କୁଲୁମା ପଞ୍ଚାୟତ ଜଗମୋହନ ଉଚ୍ଚ ମାଧମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଦିଗାମ୍ବର ବିଶାଳ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିକ୍ଷା କରିବା ଓ ଏହାର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ। ଶିବିରରେ ୮୬ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷିକା ମଧୁସ୍ମିତା ବିଶ୍ୱାଳ, କ୍ରୀଡ଼ା ଶିକ୍ଷକ ବଂଶୀଧର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜନ ହୋଇଥିଲା। ଅତିଥିମାନେ ଶିବିରରାର୍ଥୀ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧାପିକା ଅଧାପକ, କର୍ମଚାରୀ ସହଯୋଗ କରିଥିଲେ।

### ୪ ଟନ୍ କୋଇଲା ଜବତ, ୨ ଗିରଫ

ଛେଣ୍ଡିପଦା,୨୧।୪(ନି.ପ୍ର.): ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା କଙ୍କରାଇ ଅଞ୍ଚଳରେ ପୋଲିସ ଚଢାଉ କରି ଏକ ବେଆଇନ କୋଇଲା ବୋଝେଇ ଟ୍ରକ୍ ଜବତ କରିଛି। ଜବତ ଗାଡ଼ିରୁ ୪ ଟନ୍ କୋଇଲା ଜବତ କରାଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି।

# 'ସ୍ୱାସ୍ଥ୍ୟ କର୍ମଚାରୀ ଅଧିକ ଯତ୍ନବାନ ହୁଅନ୍ତୁ'

ବଇଣ୍ଡା,୨୧।୪(ଡି.ଏନ.ଏ.)

ଗ୍ରାମାଞ୍ଚଳ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା କିପରି ପହଞ୍ଚିବ ସେ ନେଇ ସରକାର ବହୁ ଯୋଜନା ପ୍ରଚଳନ କରିଛନ୍ତି। ଡାକ୍ତରଖାନାଗୁଡିକର ଆଧୁନିକୀକରଣ ସହ ମାଗଣାରେ ଔଷଧ ଯୋଗାଇ ଦେଉଛନ୍ତି। ତେଣୁ ଲୋକେ କିପରି ଏହି ସୁବିଧା ପାଇପାରିବେ ସେ ନେଇ ସ୍ୱାସ୍ଥ୍ୟ କର୍ମଚାରୀମାନେ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଅନୁଷ୍ଠିତ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳାରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ସୁନୀଲ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା, ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁ, ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତ୍ରିଲୋଚନ ପ୍ରଧାନ, ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂହ, ଠାକୁରଗଡ଼ ସରପଞ୍ଚ ଚାରୁଲତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଜିଲାରୁ ବହୁ ଡାକ୍ତର ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ ସେମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ

ତାଳଚେର,୨୧।୪(ନି.ପ୍ର.)

ତାଳଚେର ପୌରାଞ୍ଚଳରେ ଗୁରୁବାରଠାରୁ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଅତିଶୀଘ୍ର ଜଳଛତ୍ର କେନ୍ଦ୍ର ଖୋଲିବାକୁ ବୁଧବାର ନଗରପାଳ ପବିତ୍ର ଭୂତିଆ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ଅନୁଯାୟୀ ସହରର ବିଭିନ୍ନ ଛକକୁ ଚିହ୍ନଟ କରାଯାଇ ସେଠାରେ ଜଳଛତ୍ରମାନ ଖୋଲାଯିବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ତେବେ ପ୍ରଥମ କରି ଆନୁଷ୍ଠାନିକ ଭାବେ ହାଟତୋଟାସ୍ଥିତ କୋର୍ଟ ସମ୍ମୁଖରେ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଏହାକୁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ନଗରପାଳ ପବିତ୍ର ଭୂତିଆ, ଉପ ନଗରପାଳ ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ, ନିର୍ବାହୀ ଅଧିକାରୀ ସୁଶ୍ରୀ ରଶ୍ମିରେଖା ଅମାନ୍ତଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକଙ୍କ ସମେତ ଅନ୍ୟମାନେ।

# ଆଜି ପୌର ପରିଷଦର ପ୍ରଥମ ବୈଠକ

ଅନୁଗୋଳ ଅଫିସ,୨୧।୪

ନିର୍ବାଚନ ପରେ ଅନୁଗୋଳ ପୌର ପରିଷଦର ପ୍ରଥମ ବୈଠକ ଶୁକ୍ରବାର ଅନୁଷ୍ଠିତ ହେବ। ଏହାକୁ ନେଇ ପୌରାଧ୍ୟକ୍ଷଙ୍କ ଠାରୁ ଆରମ୍ଭ କରି କାଉନସିଲରମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଉତ୍ସାହିତ ଅଛନ୍ତି। ଏହି ବୈଠକରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା କିପରି ପୌରବାସିନ୍ଦାଙ୍କ ନିକଟରେ ପହଞ୍ଚିବ ସେ ନେଇ ଆଲୋଚନା ହେବ। ଏଥିସହ ପୌରାଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ତେବେ ଅନୁଗୋଳ ପୌର ପରିଷଦରେ ଏଥର ନୂଆ ଘଟଣା ଦେଖିବାକୁ ମିଳିଛି। ପୌରାଧ୍ୟକ୍ଷଙ୍କ ସହ ୧୦ ଜଣ କାଉନସିଲର ବିଜେଡିର ହୋଇଥିବାବେଳେ ଭାଜପାର ଉପାଧ୍ୟକ୍ଷଙ୍କ ସହ ୧୩ କାଉନସିଲ ରହିଥିବାରୁ ବୈଠକ ଆରମ୍ଭରୁ ସରଗରମ ରହିବାର ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି।

# ଶାନ୍ତିଶୃଙ୍ଖଳାରେ ହେବ ଚନ୍ଦନଯାତ୍ରା



ବୈଠକରେ ଉପସ୍ଥିତ ଗ୍ରାମବାସୀଙ୍କ ସମେତ ଅନ୍ୟମାନେ।

ବଇଣ୍ଡା,୨୧।୪(ଡି.ଏନ.ଏ.)

ଆଠମଲ୍ଲିକ ଉପଖଣ୍ଡର ପ୍ରସିଦ୍ଧ ବଇଣ୍ଡା ଚନ୍ଦନ ଯାତ୍ରା ମେ ୨୧ରେ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ବଇଣ୍ଡା ରାଧାକୃଷ୍ଣ ମନ୍ଦିର ପରିସରରେ ବଇଣ୍ଡା ବଜାର କମିଟି, ବିକାଶ ପରିଷଦ ଓ ବଇଣ୍ଡା ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଇଣ୍ଡା ଗ୍ରାମ ସମ୍ପାଦକ ଜିତେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସୁନୀଲ ପ୍ରଧାନ, ଗିରିଶଚନ୍ଦ୍ର ବେହେରା, ଉଗ୍ରସେନ ସେଠୀ, ସୁମନ୍ତ ବେହେରା, ସୁରେଶ ସାହୁ, ସୁବାସ ସାହୁ, ପ୍ରଶ୍ନ ବେହେରା, ଖୁକୁନା ମହାପାତ୍ର, ଆକାଶ ସାହୁ, ପପୁ ସାହୁ, ଲୁଲୁ ସାହୁ, ରାଜେନ୍ଦ୍ର ସାହୁ, ତପନ ଦାସ, ଆଶିଷ ବେହେରାଙ୍କ ସମେତ ବହୁ ବ୍ୟବସାୟୀ ଯୋଗଦେଇଥିଲେ। ଚନ୍ଦନ ଯାତ୍ରା କିଭଳି ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷକରି ୨ ବର୍ଷ ହେବ କରୋନା ପାଇଁ ଯାତ୍ରା ବନ୍ଦ ଥିବାବେଳେ ଚଳିତ ବର୍ଷ କିଭଳି ଶାନ୍ତିଶୃଙ୍ଖଳାର ସହ ଯାତ୍ରା ଅନୁଷ୍ଠିତ ହେବ ସେ ନେଇ ସମସ୍ତ ବ୍ୟବସାୟୀମାନେ ଏକଜୁଟ ହେବାକୁ ପରାମର୍ଶ ଦିଆଯାଇଥିଲା। ଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର ହୋଇଥିଲା। ପରେ ଚନ୍ଦନ ଯାତ୍ରାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପ୍ରତାପ ପ୍ରଧାନ, ଯୁଗ୍ମ ଉପ ସଭାପତି ଭାବେ ପରିକ୍ଷିତ ସାହୁ, ଚିନ୍ମୟ ପ୍ରଧାନ, ସମ୍ପାଦକ ଭାବେ ମାନସ ସାହୁ, ଯୁଗ୍ମ ସହ ସମ୍ପାଦକ ସଞ୍ଜୟ ସାହୁ, ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ ଭାବେ ରାମାକାନ୍ତ ବେହେରାଙ୍କୁ ଚୟନ କରାଯାଇଥିଲା। ସେହିପରି ଉପଦେଷ୍ଟା କମିଟି ଚୟନ କରାଯାଇଥିଲା।

# ଆଜିଠୁ ମାଲ୍ୟଗିରି ମହୋତ୍ସବ

୩ ଦିନ ଧରି ହେବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ଖମାର,୨୧।୪(ଡି.ଏନ.ଏ.)

ଅନୁଗୋଳ ଜିଲାରେ ଚାଲିଛି ଉତ୍ସବ ଋତୁ। ଗୋଟିଏ ପରେ ଗୋଟିଏ ମହୋତ୍ସବ ଅନୁଷ୍ଠିତ ହେଉଥିବାରୁ ଏହା ଜିଲାବାସୀଙ୍କ ମନରେ ଆନନ୍ଦ ଭରିଦେଉଛି। ଅନୁଗୋଳ ଜିଲା ମହୋତ୍ସବ ଶେଷ ହେବା ପରେ ଏବେ ତାଳଚେରରେ ଚାଲିଛି ମା' ହିଙ୍ଗୁଳାଙ୍କ ଯାତ୍ରା ଓ ୧୮ତମ ଲୋକ ମହୋତ୍ସବ। ୨୨ ତାରିଖ ଶୁକ୍ରବାରଠାରୁ ପାଲଲହଡ଼ା ଷ୍ଟାଡିୟମରେ ମାଲ୍ୟଗିରି ମହୋତ୍ସବ ଆରମ୍ଭ ହେବାକୁ ଯାଉଥିବାରୁ ଏହା ଲୋକଙ୍କ ଖୁସିକୁ ଦ୍ୱିଗୁଣିତ କରିଦେଇଛି। ଏହି ମହୋତ୍ସବ ପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାଲ୍ୟଗିରି ମହୋତ୍ସବ ପାଇଁ ଗତ ୨୦ ତାରିଖରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସକାଳ ସାଢ଼େ ୬ଟାରେ ଉପଖଣ୍ଡର ଖୁଲୁଡ଼ି ଗିରିଶ୍ୱର ମନ୍ଦିରରୁ ବିଧାୟକ ମୁକେଶ କୁମାର ପାଳଙ୍କ ନେତୃତ୍ୱରେ ଉପଜିଲାପାଳ ଅଜିତ କୁମାର ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣି ନାଏକଙ୍କ ସହଯୋଗରେ ମଶାଲ ଶୋଭାଯାତ୍ରା ବାହାରିଥିଲା। ସେହିପରି ରଜଡ଼ଙ୍ଗ ଶିବମନ୍ଦିର, ମଗରମୁହାଣ, ପବିତ୍ରପୁର, ମାଲ୍ୟଗିରି ପାହାଡ ଶିଖର ମଠରୁ ଅଖଣ୍ଡ ଦୀପ ଅଣାଯାଇ ଜଗନ୍ନାଥ ମନ୍ଦିରରେ ରଖାଯାଇଥିଲା। ଶୁକ୍ରବାର ଅପରାହ୍ନ ୪ଟାରେ ଜଗନ୍ନାଥ ମନ୍ଦିରରୁ ଶୋଭାଯାତ୍ରା ଉକ୍ତ ମଶାଲ ଆରାଧ୍ୟ ଦେବୀ ମା' କୁଣ୍ଡେଇବିରାଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଶାସନ ସାହି, ବଜାର ଦେଇ ମହୋତ୍ସବ ସ୍ଥଳ ଷ୍ଟାଡିଅମକୁ ନିଆଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସନ୍ଧ୍ୟା ୭ଟାରେ ମହୋତ୍ସବ କମିଟି ଅଧ୍ୟକ୍ଷ ମୁକେଶ କୁମାର ପାଳଙ୍କ ଅଧ୍ୟକ୍ଷତାରେ ମହୋତ୍ସବ ଉଦ୍‌ଘାଟିତ ହେବ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ ଏହାକୁ ଉଦ୍‌ଘାଟନ କରିବେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବ।

# ମୃତକଙ୍କ ପରିବାରକୁ ଭେଟିଲା କଂଗ୍ରେସ ଟିମ୍

ବନ୍ତଳା,୨୧।୪(ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଳା ଥାନା ତଳଗଡ଼ ଗ୍ରାମର ଜଣେ ବୃଦ୍ଧଙ୍କ ଗଳା କାଟି ହତ୍ୟା କରାଯିବା ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ବୁଧବାର ସକାଳେ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ ସର୍ବ ଭାରତୀୟ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା, ରାଜ୍ୟ ଓବିସି ସେଲ୍ ସମ୍ପାଦକ ଜିତେନ୍ଦ୍ର ସାହୁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ତପସ୍ୱିନୀ ବିଶ୍ୱାଳ, ଜିଲା କଂଗ୍ରେସ ଉପ ସଭାପତି ତପନ ପ୍ରଧାନ, ବଅଁରପାଳ ବ୍ଲକ କଂଗ୍ରେସ ସଭାପତି ବିନୋଦ ମଝି, ଜିଲା ମହିଳା କଂଗ୍ରେସ ଉପ ସଭାପତି ଅଳକା ମହାପାତ୍ର, ବାପୁନୁ ଦେହୁରୀ, ରାକେଶ ଦେହୁରୀ, ସୁବ୍ରତ ସାହୁ ପ୍ରମୁଖ ମୃତକଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ଆଶ୍ୱାସନା ଦେଇଥିଲେ। ତୁରନ୍ତ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ମୋବାଇଲ ଯୋଗେ ଆଇଆଇସିଙ୍କୁ ଜଣାଇଥିଲେ।

### ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ



ମୃତକଙ୍କ ଘରେ କଂଗ୍ରେସ ଟିମ୍ ପହଞ୍ଚି ଆଲୋଚନା କରୁଛି।

ପ୍ରକାଶ ଯେ, ବନ୍ତଳା ଥାନା ତଳଗଡ଼ ଗ୍ରାମର ଉମେଶ ଦେହୁରୀ(୬୭)ଙ୍କୁ ବକେୟା ଟଙ୍କା ଦେବାକୁ କହି ଦୁର୍ବୃତ୍ତମାନେ ଗତ ଶୁକ୍ରବାର ଅନୁଗୋଳ ସହରକୁ ଡାକିଥିଲେ। ଉମେଶ ସହରରେ ପହଞ୍ଚିବା ପରେ ସେଠାରୁ କେତେଜଣ ଦୁର୍ବୃତ୍ତ ତାଙ୍କୁ କଟକ ଜିଲାର ନରସିଂହପୁର ଅଞ୍ଚଳକୁ ବୁଲିବାକୁ ଡାକି ନେଇଥିଲେ। ତେବେ ହିନ୍ଦୋଳ-ନରସିଂହପୁର ଥାନା ସୀମାନ୍ତ ନୂଆଁଗାଁ ନିକଟରେ ଦୁର୍ବୃତ୍ତମାନେ ଗାଡି ରଖି ଉମେଶଙ୍କୁ ରାସ୍ତା ପାର୍ଶ୍ୱ ଜଙ୍ଗଲ ପାଖକୁ ଡାକିନେଇ ଧାରୁଆ ଅସ୍ତ୍ରରେ ଗଳା କାଟି ଦେଇଥିଲେ। ପ୍ରଚୁର ରକ୍ତସ୍ରାବ ଯୋଗୁ ଉମେଶ ମରିଯାଇଥିବା ଭାବି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ତେବେ ଜଙ୍ଗଲରେ ଉମେଶ ସଂଜ୍ଞାହୀନ ହୋଇ ପଡି ରହିଥିଲେ। ଶନିବାର ସକାଳେ ଚେତା ଫେରିବାରୁ ସେ ରାସ୍ତା ଉପରକୁ ଆସିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରିବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଉମେଶଙ୍କ ପରିବାର ଓ ପଡୋଶୀ ପହଞ୍ଚି ତାଙ୍କୁ ପ୍ରଥମେ ନରସିଂହପୁର ମେଡିକାଲ ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଏଥିସହ ବନ୍ତଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ନରସିଂହପୁର ଥାନା ଓ କଟକ ବଡ଼ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଅପରାହ୍ନ ୪ଟାରେ ଉମେଶଙ୍କ ମୃତ୍ୟୁ ହୋଇଥିଲା।

## ଫଟୋରେ ଖବର




ଅନୁଗୋଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଜଣେ ବ୍ୟକ୍ତି ପିଲାଟିର ମୁଣ୍ଡରେ ଓଦା ଗାମୁଛା ପକାଇ ସ୍କୁଟିରେ ନେଉଛନ୍ତି।



ଅନୁଗୋଳ ନାରାୟଣ ସାଗରରେ ଛୋଟ ପିଲାମାନେ ଗୋଧାଇବାର ମଜା ନେଉଛନ୍ତି। (ଫଟୋ- ବୁଲୁ)

